


କଥାର ଗୋଟିଏ 300ମି ଚିନ୍ତା କରିବା ପାଇଁ ଖୋରାକ ଯୋଗାଉଥିବା ବହି

ଏହି ସମସ୍ତ ଆଇଏଲଆର୍ ବହିଗୁଡ଼ିକ

ଆସନ୍ତୁ ପଢ଼ିବା ପାଇଁ ଏବଂ ପଢ଼ି ପଢ଼ି ଆଗକୁ ବଢ଼ିବା ପାଇଁ







FOR OUR BOOKS

www.books.katha.org

"କାହାଣୀ ମାଧମରେ ଭାରତର ବିବିଧ ସଂସ୍କୃତି ପରିଚୟ। "

- ଦ ପାୟୋନିର୍

ପିଲାମାନଙ୍କ ପାଇଁ


ISBN 978-93-88284-81-3
9 789388 284813
XXX
www.katha.org



ଦିପହରେ ଟିକେ ଅଧିକ ସମୟ ଶୋଇବା ପରେ କୁଈନ୍ ଉଠିଲା । ତା'ର ତିନି ଜଣ ଛୋଟ ଭାଇ ଭଉଣୀ ଉତ୍ସାହିତ ହୋଇ ଇଆଡ଼େ ସିଆଡ଼େ ଡେଉଁଥିଲେ ।

କ'ଣ ଗୋଟେ ହେଇଛି ନିଶ୍ଚିତ । ଅନ୍ତତଃ ଏଇ କୁନି ବିଲେଇମାନଙ୍କ ପାଇଁ ସେଇଟା ମଜାଦାର ହେଇଥିବ । ସେମାନେ ବହୁତ ଛୋଟ ଥିଲେ । ହେଲେ, କୁଈନ୍ ଟିକେ ବଡ଼ ହୋଇଯାଇଥିଲା । ସେ ଏକଥା ଅନୁଭବ କରିପାରିଲା ।

ବଡ଼ ହେଇଯାଇଇଇଇଛି!



ଅଳସ ଭାଙ୍ଗି ସେ ଦେହ ସଳଖିଲା, ମୁଣ୍ଡ ଦେହ ଝାଡ଼ିହେଲା ଏବଂ କ'ଣ ହେଇଛି ଜାଣିବା ପାଇଁ ଛୋଟ ଭାଇଭଉଣୀଙ୍କ ପାଖକୁ ଧୀରେ ଧୀରେ ଗଲା ।

ଠିକ୍ ସେତିକିବେଳେ ତା' ଆଖି ଗୋଟେ ଜିନିଷ ଉପରେ ପଡ଼ିଲା । ସବୁଜ ପତ୍ର ଭିତରେ କ'ଣ ଗୋଟେ ଉଜ୍ଜ୍ୱଳ ଏବଂ ହଳଦିଆ ହେଇ ଦେଖାଯାଉଛି । ଆଜି ସକାଳେ ସେ ଶୋଇବାକୁ ଗଲାବେଳେ ଏଇ ଜିନିଷଟା ତ ଏଠି ନ ଥିଲା ।

ଡରୁଆ ସ୍ୱରରେ ତା'ର ଗୋଟେ କୁନି ଭାଇ ପଚାରିଲା, "ଏଇଟା କ'ଣ? ଆମେ ତ ଆଗରୁ ଏମିତି କିଛି ଦେଖି ନଥିଲେ!"


କୁଛନ୍ ସବୁ ଜାଣିଥିବା ଭଳି ହ୍ରସଟେ ହସିଲା ଏବଂ ଗଳା ଝାଡ଼ିଲା, "ମିଆଁଉ ।"

"ହଁ ମୁଁ ନିଶ୍ଚିତ ଭାବରେ ଜାଣିଛି! ଏଇଟା କ'ଣ ଗୋଟେ ପ୍ରଶ୍ନ!"



ଗତ ବର୍ଷ ସେ ସେହି ଏକା ଜିନିଷ ଦେଖିଥିଲା ଏବଂ
ମା' ବିଲେଇ ତାକୁ ସବୁ ବୁଝେଇ ଦେଇଥିଲା ।
ହେଲେ ସିଏ ସବୁକିଛି ଭୁଲି ଯାଇଛି ।

## କେଡ଼େ ବୋକାଟା!



ଗତ ଥର, ଏଇ ସ୍ତ୍ରୀ ଲୋକଟି ମାଟି ଖୋଳିଥିଲା । ସେଥିରେ ପାଣି ଢାଳିଥିଲା ଏବଂ ତା' ଉପରେ ଗୋଟିଏ ଜାଲ ଲଗାଇଥିଲା । କୁଛନ୍ ବହୁତ ଦୁଷ୍ଟ ଥିଲା । ଆଉ, ତୁମେ ଜାଣିଛ, ସ୍ତ୍ରୀ ଲୋକଟି ସେକଥା ଜାଣିଥିଲା ।

ତା'ପରେ, ପତ୍ର ବାହାରିଲା ଏବଂ କିଛି ଗୋଟେ ଲାଲ୍ ରଙ୍ଗର ଜିନିଷ ମାଟିରୁ ବାହାରିଲା । କୁଛନ୍ ପୂରାପୂରି ଡରି ଯାଇଥିଲା!
ହେଲେ ସ୍ତ୍ରୀ ଲୋକ ଏବଂ ତା'ର ଝିଅ ବହୁତ ଖୁସି ଥିଲେ ।



କୁଟନ୍ ଭାବିଲା, ସେତେବେଳେ ସେଇଟା ଲାଲ୍ ଥିଲା ଆଉ ଏବେ ଏଇଟା ହଳଦିଆ ରଙ୍ଗର ଦେଖାଯାଉଛି । ହେଲେ ଏଇଟା ସେଇଭଳି ଗୋଟେ ଜିନିଷ । ମୋର ନାଁ ଟା କାହିଁକି ମନେପଡୁନି?

କୁଟନ୍ ଭାବିଲା ତାକୁ କିଛି କହିବା ଦରକାର । "ଠିକ୍ ଅଛି, ତୁମେ ତିନି ଜଣ ଶୁଣ । ଏଇ ସ୍ତ୍ରୀ ଲୋକଟି ମାଟିକୁ ବହୁତ ଭଲ ପାଏ । ପ୍ରତି ବର୍ଷ ସେ ମାଟି ଖୋଳେ । ତା'ପରେ ସେ ସେଥିରେ ପାଣି ଢାଳେ । ଆମେ ଯେତେବେଳେ ସେହି ଜାଗାକୁ ଖୋଳିବାକୁ ଚେଷ୍ଟା କରୁ, ସିଏ ଆମକୁ ଦୂରକୁ ଘଉଡ଼ାଇ ଦିଏ ।"



ତା'ପରେ ସେ ମାଟିରେ ଛୋଟ ଛୋଟ ମାଳି ପକାଏ ।

କେତେବେଳେ ଧଳା ।

କେତେବେଳେ କଳା ।

ତା'ପରେ କ'ଣ ହୁଏ?

"କ'ଣ ହୁଏ?" କୁନି ବିଲେଇମାନେ ପାଟି କରି ପଚାରିଲେ ।

"ଏଇ ଛୋଟ ଛୋଟ ସବୁଜ ରଙ୍ଗର ଜିନିଷ ମାଟିରୁ ବାହାରନ୍ତି । ସେଗୁଡ଼ିକୁ ପତ୍ର କୁହାଯାଏ । ଯେମିତି ମତେ ସମସ୍ତେ କୁଟନ୍ ଡାକନ୍ତି," ସେ ବୁଝାଇ ଦେଲା ।

"ଆଛା! ହେଲେ ଆମେ ତ ସେକଥା ଜାଣିଛୁ," କୁନି ବିଲେଇମାନେ କହିଲେ । "ସେ ହଳଦିଆ ଜିନିଷଟା କ'ଣ?

ଆମକୁ **କୁହ ପ୍ଲି..ଜ୍!"**

ସେ କ'ଣ କହିବ କିଛି ବୁଝିପାରିଲାନି । ସେ ଚୁପଚାପ୍ ଠିଆ ହୋଇରହିଲା । କିଛି ସମୟ ପରେ ତା' ମୁଣ୍ଡକୁ ଗୋଟେ ବୁଦ୍ଧି ଜୁଟିଲା ।



"ଖୁସି!" ସେ ବଡ଼ ପାଟିରେ ଚିଲ୍ଲେଇଲା ।

"ଖୁସି?" କୁନି ବିଲେଇମାନେ ପ୍ରଶ୍ନବାଚକ ସ୍ୱରରେ ପଚାରିଲେ ।

"ହଁ, ତୁମେମାନେ ବୁଝିପାରିଲନି କି? ପବନରେ ଦୋହଲୁଥିବାବେଳେ ସେଗୁଡ଼ିକ ବହୁତ ସୁନ୍ଦର ଦେଖାଯାଉଛନ୍ତି । ସେସବୁ ସବୁଜ ଜିନିଷ ଆମକୁ ଖୁସି ଦେଉଛନ୍ତି । ଠିକ୍ ନା?"

ପତ୍ର ବାହାରିଲାବେଳେ ଲୋକମାନେ ବି ବହୁତ ଖୁସି ହୁଅନ୍ତି ।

ସେଥିପାଇଁ ଲାଞ୍ଜ ନ ଥିବା ସବୁ ଲୋକ ପତ୍ରକୁ ଦେଖି ଖୁସି ହୁଅନ୍ତି, ଆଉ ସବୁ ବିଲେଇମାନେ ବି ପତ୍ରକୁ ଦେଖି ଖୁସି ହୁଅନ୍ତି ।

ସେମାନେ ଆମକୁ ଛୋଟ ଛୋଟ ଖୁସି ଦିଅନ୍ତି ।




ଏଇଟା ଗୋଟେ ହଳଦିଆ ଖୁସି ।
ଗତ ବର୍ଷ ମୁଁ ଗୋଟେ ଲାଲ୍ ଖୁସି
ଦେଖିଥିଲି । ସେଗୁଡ଼ିକ ସୁନ୍ଦର ନା?"

ଏଥର କୁନି ବିଲେଇମାନେ ସବୁ ବୁଝିଗଲେ ।
"ହଁ, ଦେଖ!" ସେମାନେ ପାଟି କରି ଉଠିଲେ, "ମହୁମାଛି
ଆଉ ପ୍ରଜାପତି ବି ସେମାନଙ୍କୁ ଭଲ ପାଆନ୍ତି ।"

"ହଁ ନିଶ୍ଚୟ," କୁଟନ୍ କହିଲା, "ସମସ୍ତେ
ସେମାନଙ୍କୁ ଭଲ ପାଆନ୍ତି!"





"କ'ଣ ଭଲ ପାଆନ୍ତି?" କୁଟ୍ଟନର କାନ୍ଧ ପଛରେ କିଏ ଜଣେ ମିଆଁଉ କରି କହିଲା ।

ଇଏତ ମାଆ ବିଲେଇ ।

"ଖୁସି," ଛୋଟ ଭାଇଭଉଣୀଙ୍କ ଭିତରୁ ଜଣେ କହିଲା ।

"କ'ଣ? ଆଚ୍ଛା, ତୁ କହୁଛୁ ଫୁଲ!" ମାଆ ବିଲେଇ ହସି ହସି କହିଲା ।

କୁଟ୍ଟନ୍ ଭାବୁଥିଲା, ସେ କୁଆଡ଼େ ଉଭେଇ ଯାଆନ୍ତା କି! ତାକୁ ବହୁତ ଲାଜ ମାଡ଼ିଲା । ଏଇଟା ଗୋଟେ ଫୁଲ! ସେ କେମିତି ଭୁଲିଗଲା?

ଦୁଇ ଛୋଟ ଭାଇ ଭଉଣୀ ମୁହଁ ଏଡ଼େ କରି କୁଝନ୍ ଆଡ଼େ ଦେଖିଲେ ଆଉ ସେଠୁ ଚାଲିଗଲେ । ହେଲେ ତୃତୀୟଟି ଗଲାନି । ସେ କହିଲା, "ମନ ଦୁଃଖ କରନା । ତୁମେ ଯାହା କହିଲ, ମୋତେ ବହୁତ ଭଲ ଲାଗିଲା । ମୁଁ ଭାବୁଛି ଖୁସି ଗୋଟେ ବଢ଼ିଆ ନାଁ । ବୋଧହୁଏ ତୁମେ ହିଁ ଠିକ୍ କହୁଛ । " କୁଝନକୁ ଏସବୁ ଶୁଣି ବହୁତ ଭଲ ଲାଗିଲା ।

ବେଳେବେଳେ ସମସ୍ତେ ଠିକ୍ କହିପାରନ୍ତି । ବେଳେବେଳେ ସମସ୍ତେ ଭୁଲ୍ ବି କହିପାରନ୍ତି । ସେ ଯେତିକି ଜାଣିଥିଲା, ଫୁଲଗୁଡ଼ିକ ଥିଲେ ଖୁସି ।



ସେଥିପାଇଁ, ସେ ନିଜ କାମରେ ଏବଂ କୁନି ବିଲେଇ ଉପରେ ବହୁତ ଖୁସି ଥିଲା । ସେ ଭୁଲି ଯାଇଥିବା ଫୁଲ ଉପରେ ବି ସେ ଖୁସି ଥିଲା । ସେ ଏବେ ବହୁତ ଖୁସି ଥିଲା । ଏତେ ଖୁସି ଯେ, ତାକୁ ଲାଗିଲା ସେ ପୁଣି ଥରେ କୁନି ବିଲେଇଟେ ହେଇଯାଇଛି ।



ସେରେନ୍ କାଶିମ୍ ବିଭିନ୍ନ ସ୍ଥାନ ବୁଲିବାକୁ ଭଲ ପାଆନ୍ତି । ସେ ବର୍ତ୍ତମାନ ଲଣ୍ଡନର ସ୍କୁଲ୍ ଅଫ୍ ଓରିଏଣ୍ଟାଲ୍ ଆଣ୍ଡ ଆଫ୍ରିକନ୍ ଷ୍ଟଡିଜରେ ସାଉଥ ଏସିଆନ୍ ଷ୍ଟଡିଜରେ ଏମ୍ଏ କରୁଛନ୍ତି । ବିଶ୍ୱକୁ ବଞ୍ଚାଇବା ପାଇଁ ସ୍ୱପ୍ନ ଦେଖୁଥିବା ସେରେନ୍ ଜଣେ ଲେଖିକା ।

ସୋନାଲ୍ ପାଣ୍ଡେ ଜଣେ ଫ୍ରିଲାନ୍ସ କଳାକାର ଏବଂ ଲେଖିକା । ସେ ମହାରାଷ୍ଟ୍ରର ନାସିକରେ ରୁହନ୍ତି । ସେ ବିଭିନ୍ନ ଗଣମାଧ୍ୟମ ପାଇଁ ବାସ୍ତବଧର୍ମୀ, କାଳ୍ପନିକ ଏବଂ ଭାବାତ୍ମକ କଳାକୃତି ପ୍ରସ୍ତୁତ କରନ୍ତି । ତାଙ୍କର କାର୍ଯ୍ୟ ସବୁ ଭାରତ, ଅଷ୍ଟ୍ରେଲିଆ ଏବଂ ଆମେରିକାର ପ୍ରକାଶନରେ ସ୍ଥାନ ପାଇଛି ।  ତାଙ୍କ ଚିତ୍ରକଳା ଲଣ୍ଡନ ଏବଂ ମୁମ୍ବାଇରେ ପ୍ରଦର୍ଶିତ ହୋଇଛି ।  ସେ ବର୍ତ୍ତମାନ ଏକ ଉପନ୍ୟାସ ପାଇଁ କାମ କରୁଛନ୍ତି ।

# KATHA

କଥା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଅଣ-ଲାଭକାରୀ ସଂସ୍ଥା (www.katha.org) ଯାହା ୧୯୮୮ ମସିହାରୁ ସାକ୍ଷରତାରୁ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଅଛି । ଗରୀବ ପିଲାମାନଙ୍କ ପାଇଁ ପ୍ରକାଶନ ଏବଂ ଶିକ୍ଷା କ୍ଷେତ୍ରରେ ଆମର ପ୍ରାୟ ୩୦ ବର୍ଷର ଅଭିଜ୍ଞତା ଅଛି ।

"ଭାରତର ମୁକୁଟରେ ଶିକ୍ଷାର ଏକ ଉଜ୍ଜ୍ୱଳ ମଣି" — ନାୟୁକି ଶିନୋହାରା, ଉପ ପରିଚାଳନା ନିର୍ଦ୍ଦେଶକ, ଆଇଏମ୍ ଏଫ୍

"ସହରର ସାଧାରଣ ତଥା ଦୈନନ୍ଦିନ ଜୀବନର ଛୋଟ ଛୋଟ ଦୁଃଖ ଓ ଭୟଙ୍କର କଷ୍ଟର ମୁକାବିଲା କରିବା ପାଇଁ ଯେଉଁ ସବୁ ସୃଜନଶୀଳ ପ୍ରଚେଷ୍ଟା ଚାଲିଅଛି ସେମାନଙ୍କ ମଧ୍ୟରେ "କଥା" ର ଏକ ସ୍ୱତନ୍ତ୍ର ପରିଚୟ ଅଛି ।" — ଚାର୍ଲ୍ସ ଲ୍ୟାଣ୍ଡ୍ରି, ଦ ଆର୍ଟ ଅଫ୍ ସିଟି ମେକିଙ୍ଗ୍

"କଥା"ର ପିଲାମାନଙ୍କ ପାଇଁ ବିଶେଷ ଅନୁରାଗ ରହିଛି ତେଣୁ... ଏହା ପିଲାମାନଙ୍କ ପାଇଁ ଏପରି ସୁନ୍ଦର ସୁନ୍ଦର ଚିତ୍ର ସମ୍ବଳିତ ପୁସ୍ତକ ପ୍ରକାଶ କରୁଛି ।" — ଟାଇମ୍ ଆଉଟ୍

"କଥା" ବିଶ୍ୱାସ କରେ ଯେ ପିଲାମାନେ ତାଙ୍କ ଦୁନିଆରେ ବାସ୍ତବ ଏବଂ ଧାରଣାକ୍ଷମ ପରିବର୍ତ୍ତନ ଆଣିପାରିବେ, — ପେପରଟାଇଗର୍ସ

ଏହି ସଂସ୍କରଣ ପ୍ରଥମେ 2021 ପ୍ରକାଶିତ ହୋଇଥିଲା
କପିରାଇଟ୍©କଥା, 2007, 2021
ଲେଖା କପିରାଇଟ୍©ସେରେନ୍ କାଶିମ୍
ଚିତ୍ର କପିରାଇଟ୍ © କଥା
A3, ସର୍ବୋଦୟ ଏନକ୍ଲେଭ, ଶ୍ରୀ ଅରୋବିନ୍ଦ ମାର୍ଗ, ନୂଆଦିଲ୍ଲୀ 110 017
ଫୋନ୍ : 91-11 4141 6600 . 4141 6610
ଇମେଲ୍: editors@katha.org, Website: www.katha.org
ISBN 978-93-82454-65-6

**ଆମର ଲକ୍ଷ**: ପ୍ରତ୍ୟେକ ପିଲା ଖୁସି ମନରେ ଓ ଭଲଭାବରେ ପଢ଼ିପାରନ୍ତୁ!
"କଥା" ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ସଂସ୍ଥା ଯାହା ୧୯୮୮ ରେ ସ୍ଥାପିତ ହୋଇଥିଲା । ଆମେ ସାହିତ୍ୟର ସାକ୍ଷରତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁ । ପିଲା ଏବଂ ବୟସ୍କମାନଙ୍କ ଭିତରେ ପଢ଼ିବାରେ ଇଚ୍ଛା ସୃଷ୍ଟି କରିବା ପାଇଁ ଏହା ସମର୍ପିତ ଭାବରେ ଚେଷ୍ଟା କରିଆସୁଛି, ଭଲ ମାନର ପୁସ୍ତକ ଓ ଅନ୍ୟାନ୍ୟ ପ୍ରଚେଷ୍ଟା ମାଧ୍ୟମରେ ଏହା ଭଲ ମାନର ପୁସ୍ତକ ପ୍ରକାଶ କରୁଛି 1,00,000 ରୁ ଅଧିକ ଗରୀବ ପିଲାଙ୍କ ସହିତ କାମ କରୁଛି ଏବଂ ସେମାନଙ୍କର ପଢ଼ିବାର ଶକ୍ତି ବଢ଼ାଉଛି ।

ସର୍ବ ସତ୍ତ୍ୱ ସୁରକ୍ଷିତ । ଏହି ପୁସ୍ତକର କୌଣସି ଭାଗ ପ୍ରକାଶକଙ୍କ ପୂର୍ବ ଲିଖିତ ଅନୁମତି ବିନା ପୁନଃ ପ୍ରକାଶିତ କିମ୍ବା ବ୍ୟବହୃତ ହୋଇପାରିବ ନାହିଁ ।

ଏହି ବହିଗୁଡ଼ିକର ବିକ୍ରୟରୁ ମୋଟ୍ ଆୟର 10ପ୍ରତିଶତ ବଞ୍ଚିତ ପିଲାମାନଙ୍କର ପଢ଼ିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।




ଆଇ ଲଭ୍ ରିଡିଙ୍ଗ୍ ଲାଇବ୍ରେରୀ ହେଉଛି ପୁସ୍ତକଗୁଡ଼ିକର ଏକ ଅନନ୍ୟ ସିରିଜ୍ ଯାହା ନୂଆକରି ପଢ଼ିବାକୁ ଶିଖୁଥିବା ଓ ନିଜର ଉପରେ କମ ବିଶ୍ୱାସ ଥିବା ପାଠକମାନଙ୍କୁ ଅନାୟସରେ ଆଗ୍ରହରେ ପଢ଼ିବାର ସାମର୍ଥ୍ୟ ଦେବାକୁ ଉଦ୍ୟମ କରିଆସୁଛି । ପଢ଼ିବାର ସାମର୍ଥ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ସ୍ତରରେ ଥିବା ପିଲାମାନଙ୍କୁ ଆବଶ୍ୟକତାକୁ ଆଖିରେ ରଖି ଉଚ୍ଚକୋଟୀର ବିଷୟବସ୍ତୁ ଏବଂ ଆକର୍ଷଣୀୟ ଚିତ୍ର ସହିତ, ଏହା ଭାରତ ଏବଂ ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ସୃଷ୍ଟି ଏବଂ ଚିତ୍ରକଳାକୁ ଏକତ୍ର କରି ପରିବେଷଣ କରିଥାଏ । ଆମର ପ୍ରକାଶିତ ପୁସ୍ତକ ଗୀତା ଧର୍ମରାଜନଙ୍କ ଷ୍ଟୋରୀ ପେଡାଗୋଜୀTM - ଏକ ଅନନ୍ୟ ଶୈକ୍ଷଣିକ ନମୂନା ଯୋଗାଇଥାଏ, ଯାହା ପ୍ରଥମ ପିଢ଼ିର ପାଠକମାନଙ୍କୁ ବିଶେଷ ଭାବରେ ପଢ଼ିବାର ଆନନ୍ଦ ଦେଇଥାଏ, ଏବଂ ପିଲାକୁ ବିଗ୍ ଆଇଡିଆ (Big Idea) ଏବଂ ଟା-ଡା (Ta-Daa) ର ଆକର୍ଷଣୀୟ ଦୁନିଆକୁ ନେଇଯାଏ ! (ଚିନ୍ତାକର, ପ୍ରଶ୍ନ ପଚାର, ଆଲୋଚନା କର, ଅଭିନୟ କରି ଦେଖାଅ ଏବଂ ସଫଳତା ହାସଲ କର)

ସାମଗ୍ରୀକ ଦୃଷ୍ଟିକୋଣରୁ ପ୍ରାଥମିକ ଶିକ୍ଷାର ପ୍ରୟୋଗଶାଳା (Katha's Holistic Early Learning) ଏହା ସରକାରୀ, ଅଣ-ଲାଭକାରୀ ଏବଂ ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ କର୍ମଶାଳା ଆୟୋଜିତ କରିଥାଏ । ଏଗୁଡ଼ିକ ହେଉଛି ଶିକ୍ଷକ, ବିଦ୍ୟାଳୟ ପ୍ରଶାସକ ଏବଂ ସ୍ୱେଚ୍ଛାସେବୀମାନେ କର୍ମଶାଳାର ପ୍ରତ୍ୟେକ୍ଷ ସମ୍ପର୍କ ଅନଲାଇନ୍ ସେସନ୍ ଯୋଗଦେଇ ଫଠନ ଶିକ୍ଷକ ସାର୍ଟିଫିକେଟ୍ ପାଆନ୍ତି । ଅଧିକ ଜାଣିବାକୁ, ଆମସହ 300m@katha.org ଯୋଗାଯୋଗ କରନ୍ତୁ